# ଷୋଡ଼ଶ ଅଧ୍ୟାୟ

# ଜଙ୍ଗଲ ସମ୍ପଦ

## ୧୬.୧ ଜଙ୍ଗଲକୁ ପ୍ରାକୃତିକ ସମ୍ପଦ କାହିଁକି କହିବା ?

ଆମେ ଚାଷ ଜମିରୁ ବିଭିନ୍ନ ପ୍ରକାରର ଶସ୍ୟ ଉତ୍ପନ୍ନ କରିଥାଉ । ସେଠାରେ ମଣିଷ ନିଜର ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଧାନ, ଗହମ, କପା, ନଳିତା, ମୁଗ, ବିରି, ଚିନାବାଦାମ ଇତ୍ୟାଦି ଗୋଟିଏ ଗୋଟିଏ ଜାତିର ଉଦ୍ଭିଦକୁ ଚାଷ କରିଥାଏ । କିନ୍ତୁ ତୁମେ ଗାଁ ମୁଣ୍ଡରେ, ପାହାଡ ଉପରେ ବା ନଦୀପଠାରେ ଏପରି ଜାଗା ଦେଖିଥିବ, ଯେଉଁଠିକି ବିଭିନ୍ନ ଜାତିର ଉଦ୍ଭିଦ ଆପେ ଆପେ ଉଠି ସେଠାରେ ଘଞ୍ଚ ସବୁଜ ଆସ୍ତରଣ ସୃଷ୍ଟି କରିଥାନ୍ତି । ବେଳେ ବେଳେ ଏହିପରି ପ୍ରାକୃତିକ ଉପାୟରେ ବଢୁଥିବା ଗଛଲତା ଏକର ଏକର ବ୍ୟାପୀ ରହିଥାଏ । ଏପରିଭାବେ ସୃଷ୍ଟି ହୋଇଥିବା ପରିସଂସ୍ଥାକୁ ଆମେ ବଣ ବା ଜଙ୍ଗଲ କହୁ ।

ପାଣି, ପବନ, ଆଲୁଅ ପରି ଜଙ୍ଗଲ ମଣିଷ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ । କାରଣ ଜଙ୍ଗଲରୁ ଆମେ କାଠ, ପତ୍ର, ବିଭିନ୍ନ ଫଳ, ଝୁଣା, ଔଷଧ, ଲାଖ ଇତ୍ୟାଦି ପାଇଥାଉ । ଏହିସବୁ ଜିନିଷ ଯୋଗାଇବା ସହ ଜଙ୍ଗଲ ଆମର ଆହୁରି ଅନେକ ଉପକାର କରିଥାଏ । ଜଙ୍ଗଲକୁ ହିଁ ଜୀବଜଗତ ପାଇଁ ଅମ୍ଳଜାନ ଯୋଗାଉଥିବା 'ପ୍ରାକୃତିକ କାରଖାନା' କୁହାଯାଏ । ସବୁଜ ଉଦ୍ଭିଦ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଓ ମାଟିରୁ ଜଳ ସଂଗ୍ରହ କରି ସୂର୍ଯ୍ୟାଲୋକରୁ ଶକ୍ତି ବିନିଯୋଗ କରି ଶ୍ୱେତସାର ଖାଦ୍ୟ ପ୍ରସ୍ତୁତ କରେ । ଏହି ପ୍ରକ୍ରିୟାରେ ଅମ୍ଳଜାନ ନିର୍ଗତ ହୋଇ ବାୟୁରେ ମିଶେ । ଜୀବଜଗତ ଶ୍ୱାସକ୍ରିୟା ପାଇଁ ଏହି ଅମ୍ଳଜାନକୁ ହିଁ ଗ୍ରହଣ କରିଥାଏ । ପ୍ରକ୍ରିୟାଟିରେ ଉଦ୍ଭିଦ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମଧ୍ୟ ସଂଗ୍ରହ କରି ବିନିଯୋଗ କରୁଥିବାରୁ ଏହାର ମାତ୍ରା ବଢ଼ି ପାରେନାହିଁ । ଅଙ୍ଗାରକାମ୍ଳ ମାତ୍ରା ବଢ଼ିଗଲେ ବାୟୁର ତାପମାତ୍ରା ବଢ଼ିଯିବ ।

ଥରେ ଭାବିଲ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମୋଟେ ବ୍ୟବହାର ନହେଲେ କ'ଣ ହୁଅନ୍ତା ?

**ପ୍ରଶ୍ନ : ୧** ଆଜିକାଲି ଶୀତଋତୁରେ ମଧ୍ୟ ଗରମ ଲାଗିବା ପଛରେ କେଉଁସବୁ କାରଣ ଅଛି ? ଏ ବିଷୟ ତୁମ ଶିକ୍ଷକଙ୍କ ସହ ଆଲୋଚନା କର ।

ଉଦ୍ଭିଦରୁ ଜାତ ପଦାର୍ଥ ସମଗ୍ର ଜୀବଜଗତକୁ ଖାଦ୍ୟ ଯୋଗାଏ । ତାଛଡ଼ା ବର୍ଷା ହେବା, ଭୂଗର୍ଭର ଜଳସ୍ତର ବଜାୟ ରଖିବା, ମୃତ୍ତିକା କ୍ଷୟ ରୋକିବା, ଅନେକ ପଶୁ, ପକ୍ଷୀ, କୀଟ ଓ ପତଙ୍ଗଙ୍କୁ ଆଶ୍ରୟ ଦେବା ପରି ଅନେକ ଉପକାର ଜଙ୍ଗଲ କରିଥାଏ । ଜଙ୍ଗଲ ଆମର ଏତେ ଗୁଡ଼ିଏ ଉପକାର କରୁଥିବାରୁ ତାହା ଆମର ଏକ ବଡ଼ ସଂପଦ ।

### ତୁମ ପାଇଁ କାମ : ୧୬.୧

ଏଠାରେ ଦିଆଯାଇଥିବା ସାରଣୀ ପରି ଦୁଇଟି ସାରଣୀ ନିଜ ଖାତାରେ କର ଓ କମ୍ ଜଙ୍ଗଲ ହେଲେ କେଉଁ କ୍ଷେତ୍ରରେ କମ୍ ଓ କେଉଁ କ୍ଷେତ୍ରରେ ବେଶି ହେବ ଖାଲି ଜାଗାରେ ଲେଖ ।

**ସାରଣୀ : ୧୬.୧ ଜଙ୍ଗଲର ପ୍ରଭାବ**

| | କମିବ | ବଢ଼ିବ | | ବଢ଼ିବ | କମିବ |
|---|---|---|---|---|---|
| ବର୍ଷା – | | | ତାପମାତ୍ରା – | | |
| ଖାଦ୍ୟ – | | | କାଠ – | | |
| ଅଙ୍ଗାରକାମ୍ଳ | | | ଭୂଗର୍ଭସ୍ଥ ଜଳସ୍ତର | | |
| ପଶୁପକ୍ଷୀ – | | | ପଶୁପକ୍ଷୀଙ୍କ ଆଶ୍ରୟ (ବାସସ୍ଥାନ) | | |

ଜଙ୍ଗଲ ସହିତ ଅନ୍ୟ ପ୍ରାକୃତିକ ସମ୍ପଦଗୁଡ଼ିକ ହେଲେ – ମାଟି, ଜଳ,ବାୟୁ,ଖଣିଜ ପଦାର୍ଥ, ସୂର୍ଯ୍ୟାଲୋକ ଓ ବିଭିନ୍ନ ପ୍ରାଣୀ ଇତ୍ୟାଦି ।

ପ୍ରାକୃତିକ ସମ୍ପଦ ମଧ୍ୟରୁ ଯେଉଁଗୁଡ଼ିକ ସରିଗଲେ ବା ବ୍ୟବହାର ହୋଇଗଲେ ଆଉ ମିଳିବ ନାହିଁ ଅଥବା ଯଥା ସମୟ ମଧ୍ୟରେ ଭରଣା କରି ହେବ ନାହିଁ, ସେମାନଙ୍କୁ ସରନ୍ତି ପ୍ରାକୃତିକ ସମ୍ପଦ କୁହାଯାଏ । ଉଦାହରଣ ସ୍ୱରୂପ ଖଣିରୁ ମିଳୁଥିବା କୋଇଲା ଓ ଖଣିଜ ତୈଳ ଏଗୁଡ଼ିକ ସୃଷ୍ଟିହୋଇ ସଞ୍ଚିତ ହେବା ପାଇଁ ହଜାରହଜାର ବର୍ଷ ଲାଗିଯାଏ । ତେଣୁ ଏଗୁଡ଼ିକ ସରିଗଲେ ଆଉ ମିଳିବ ନାହିଁ । ଅନ୍ୟ ଯେଉଁ ସେହିପରି ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଥିବା ବିଭିନ୍ନ ଉଦ୍ଭିଦ ଓ ପ୍ରାଣୀଙ୍କୁ ମଧ୍ୟ ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ କୁହାଯାଏ । ସମ୍ପଦର ବ୍ୟବହାର କରିସାରିଲା ପରେବି ଆଉଥରେ ସୃଷ୍ଟି କରାଯାଇପାରିବ ବା ଭରଣା କରାଯାଇପାରିବ ତାକୁ "ଅସରନ୍ତି ପ୍ରାକୃତିକ ସମ୍ପଦ" କୁହାଯାଏ । ଜଙ୍ଗଲ, ବାୟୁ ଓ ଜଳ ଅସରନ୍ତି ପ୍ରାକୃତିକ ସମ୍ପଦ ଅଟନ୍ତି ।

## ୧୬.୨ ଜଙ୍ଗଲରେ କିଏ ସବୁ ଥା'ନ୍ତି / କିଏ କିପରି ଥା'ନ୍ତି ?




ଚିତ୍ର ୧୬.୧ – ବିଭିନ୍ନ ପଶୁପକ୍ଷୀ ଯଥା ବାଘ, ହରିଣ, ବିଲୁଆ, ମାଙ୍କଡ, କପୋତ, କୁମ୍ଭାଟୁଆ, ଶୁଆ, ସିଂହ, ହାତୀ, ଜିରାଫ୍, ଜେବ୍ରା

ତୁମେ ଜାଣିଛ ଯେ ଜଙ୍ଗଲରେ ବିଭିନ୍ନ ପ୍ରକାର ଗଛଲତା ଓ ପଶୁପକ୍ଷୀ ଥା'ନ୍ତି । ଜଙ୍ଗଲରେ ଶାଳ, ପିଆଶାଳ, କେନ୍ଦୁ, ମହୁଲ, ତେନ୍ତୁଳି, ଶାଗୁଆନ ପରି ବଡ଼ ଗଛ, ଅନେକ ପ୍ରକାର ବୁଦାଳିଆ ଗଛ, ବିଭିନ୍ନ ଲତା ଓ ଘାସ ଦେଖାଯାନ୍ତି । କେତେକ ଜଙ୍ଗଲରେ ବାଉଁଶ ମଧ୍ୟ ଥାଏ । ବାଘ, ଚିତାବାଘ, ଭାଲୁ, ହରିଣ, ଠେକୁଆ, ବାରହା, କୁଟୁରା, ବିଲୁଆ ପରି ପଶୁ ଓ କପୋତ, କୁମ୍ଭାଟୁଆ, ହରଡ଼, ଶୁଆ, ଶାରୀ, କାଠହଣା ଓ କୋଚିଲାଖାଇ ପରି ପକ୍ଷୀ ମଧ୍ୟ ଜଙ୍ଗଲରେ ବାସ କରନ୍ତି । ଜଙ୍ଗଲରେ ସାପ, ଗୋଧି, ନେଉଳ, ଝିଟିପିଟି, ଏଣ୍ଡୁଅ ପରି ସରୀସୃପ ମଧ୍ୟ ଥାଆନ୍ତି । ଅନେକ ଜାତିର ପିମ୍ପୁଡ଼ି, ପୋକ, କୀଟ ପତଙ୍ଗ, ବିଛା, ଜିଆ, ବୁଢ଼ିଆଣୀମାନଙ୍କ ବାସସ୍ଥାନ ହେଉଛି ଜଙ୍ଗଲ ।

ଗୋଟିଏ ଜଙ୍ଗଲରେ ଏ ସମସ୍ତ ପ୍ରକାର ପଶୁପକ୍ଷୀ, କୀଟ, ପତଙ୍ଗ ଓ ବୃକ୍ଷଲତା ଦେଖା ଯାଆନ୍ତି କି ? ତୁମେ କେଉଁ ଜଙ୍ଗଲରେ ବାଘ ତ ଅନ୍ୟ କେଉଁ ଜଙ୍ଗଲରେ ହାତୀ ଥିବାର ଶୁଣିଥିବ । ପ୍ରକୃତ କଥା ହେଉଛି ପରିବେଶ ଓ ଜଳବାୟୁ ଅନୁସାରେ ଜଙ୍ଗଲରେ ଭିନ୍ନଭିନ୍ନ ପ୍ରକାର ଉଦ୍ଭିଦ ଓ ପଶୁପକ୍ଷୀ ଥାନ୍ତି। ଉଦାହରଣ ସ୍ୱରୂପ ଗୁଜରାଟର ଗିର୍ ଜଙ୍ଗଲରେ ସିଂହ ଥିବାବେଳେ ହିମାଳୟରେ ବିଭିନ୍ନ ଜଙ୍ଗଲରେ ହିଁ ଚମରୀ ଗାଈ ଦେଖାଯାଆନ୍ତି । ଘଞ୍ଚ ଜଙ୍ଗଲରେ ବାଘ ରହୁଥିବା ବେଳେ, ତୃଣଭୂମି ଅଞ୍ଚଳରେ ହରିଣ ଓ ଠେକୁଆ ପରି ପଶୁ ବାସକରନ୍ତି ।

ସମୁଦ୍ର ତଟ ଜଙ୍ଗଲରେ ଝାଉଁ, ହେନ୍ତାଳ, ନଡ଼ିଆ ଗଛ ଥିବାବେଳେ ମାଳ ଅଞ୍ଚଳ ଜଙ୍ଗଲରେ ଶାଳ, ପିଆଶାଳ ଓ ମହୁଲ ଗଛ ଦେଖାଯା'ନ୍ତି । ପୁରୀ ସମୁଦ୍ର କୂଳରେ କେଉଁ ଗଛ ଅଧିକ ପରିମାଣର ଦେଖିଥାଅ, ଲେଖ ।

## ତୁମ ପାଇଁ କାମ - ୧୬.୨

ତୁମ ଗାଁ ବା ସହର ନିକଟରେ ଥିବା ଜଙ୍ଗଲକୁ ଶିକ୍ଷକ / ବାପା / ମା'ଙ୍କ ସହ ବୁଲିବାକୁ ଯାଅ । ସେହି ଜଙ୍ଗଲରେ କେଉଁ ସବୁ ଗଛ, ପଶୁପକ୍ଷୀ, କୀଟ ପତଙ୍ଗ ଦେଖିଲ, ତାର ତାଲିକା କର ।

ତମେ ଜାଣିଛ ଯେ ମାଙ୍କଡ଼ ଓ ପକ୍ଷୀମାନେ ଗଛଡ଼ାଳରେ ରହନ୍ତି । ସାପ, ମୂଷା, ଗୋଧି ପରି ପ୍ରାଣୀ ଗାତରେ ରହିଥାନ୍ତି ।

ଜଙ୍ଗଲକୁ ଗଲେ ତୁମେ ଦେଖିବ ଯେ ଜଙ୍ଗଲର ସୀମାରେଖାରେ କମ୍ ଉଚ୍ଚତାର ଗଛ ଥିବାବେଳେ ମଝିମଝିଆ ଅଞ୍ଚଳରେ ବହୁତ ଡେଙ୍ଗା ଗଛଥାନ୍ତି । ଜଙ୍ଗଲ ମଝିରେ ଅନ୍ଧାରୁଆ ଲାଗେ । ଏପରି କାହିଁକି ହୁଏ ଚିନ୍ତାକର ।



ଚିତ୍ର ୧୬.୨ ଘଞ୍ଚଜଙ୍ଗଲର ଚିତ୍ର

ଜଙ୍ଗଲର ମଧ୍ୟ ଭାଗରେ ବଡ ବଡ ଗଛ ଥାଏ । ଗଛଗୁଡ଼ିକର ଶାଖା ପ୍ରଶାଖା ଡାଳପତ୍ର ଏତେ ଲଗାଲଗି ହୋଇ ରହିଥାନ୍ତି ଯେ ଗଛର ଅଗ୍ର ସବୁ ମିଶି ଏକ ଚାଦର ପରି ଘୋଡ଼ାଇ ରଖିଥାନ୍ତି । ଏହି କାରଣରୁ ହିଁ ଘଞ୍ଚ ଜଙ୍ଗଲ ମଝିରେ ସୂର୍ଯ୍ୟକିରଣ ମାଟିରେ ପଡ଼ିପାରେ ନାହିଁ ଓ ସେଠି ଦିନବେଳା ମଧ୍ୟ ଅନ୍ଧାର ଲାଗେ ।

ଜଙ୍ଗଲରେ ବିଭିନ୍ନ ପ୍ରକାର ଗଛ, ପଶୁ ଓ ପକ୍ଷୀ ଥିବାର ଜାଣିଲେ । ଏମାନଙ୍କ ବ୍ୟତୀତ ଜଙ୍ଗଲରେ ଆଉ କିଏ ସବୁ ଥାଆନ୍ତି ? ଗଛରୁ ଝଡ଼ି ମାଟିରେ ପଡୁଥିବା ପତ୍ର, ଫୁଲ, ଫଳ, ଡାଳ ଓ ବିଭିନ୍ନ ପଶୁପକ୍ଷୀଙ୍କ ମୃତଶରୀର କୁଆଡ଼େ ଯାଏ ? ଏସବୁ ପ୍ରଶ୍ନର ଉତ୍ତର ପାଇଁ ଏକ ସରଳ ପରୀକ୍ଷା କର ।

**ତୁମ ପାଇଁ କାମ : ୧୬.୩**

ତୁମ ଘର ବା ବିଦ୍ୟାଳୟ ବଗିଚାରେ ମାଟି ଖୋଳି ଗାତଟିଏ କର । ସେହି ଗାତରେ ଅନାବନା ଗଛ ଓ ଘାସ, ପଡ଼ିଥିବା ପତ୍ର, ପରିବା ଓ ଫଳ ଚୋପା ପକାଅ ଓ ତା ଉପରେ ମାଟି ଢାଙ୍କିଦିଅ । ୪-୫ ଦିନ ପରେ ମାଟି କାଢ଼ି ଦେଖ । ଗାତ ଭିତରୁ କିପରି ଗନ୍ଧ ବାହାରୁଛି ? ଗାତ ଭିତର ଗରମ ଲାଗୁଛି କି ? ତମେ ପକାଇଥିବା ଘାସ, ଡ଼ାଳପତ୍ର ଓ ଚୋପା ଇତ୍ୟାଦିର ଅବସ୍ଥା କ'ଣ ହୋଇଛି ? ଏପରି କାହିଁକି ହେଲା ? ବାପା-ମା ଓ ଶିକ୍ଷକଙ୍କ ସହ ଆଲୋଚନା କରି ଖାତାରେ ଲେଖି ରଖ ।

ସେହିପରି ଜଙ୍ଗଲରେ ମଧ ପତ୍ର, ଡ଼ାଳ ଓ ମୃତ ପ୍ରାଣୀଙ୍କ ଶରୀର କିଛିଦିନ ପରେ ପଚିଯାଇ ମାଟିରେ ମିଶିଯାଏ । ଏହା କିପରି ଓ କାହିଁକି ହୁଏ ? ତମେ ଗାତ ଖୋଳି କରିଥିବା ପରୀକ୍ଷାରେ ଯେଉଁ କାରଣରୁ ଓ ଯେପରି ଘାସ, ପରିବା ଚୋପା ଇତ୍ୟାଦି ପଚିଯାଇଥିଲା ସେହି କାରଣରୁ ଜୀବଙ୍କ ମୃତ ଶରୀର ଜଙ୍ଗଲରେ ପଚିଯାଇ ମାଟିରେ ମିଶିଯାଏ । ଖାଲି ଆଖିରେ ଦେଖାଯାଉ ନଥିବା ଅନେକ ଅଣୁଜୀବ ମାଟି, ଜଳ ଓ ବାୟୁରେ ଥାଆନ୍ତି । ଏହି ଶ୍ରେଣୀର କିଛି ଅଣୁଜୀବ ପରଜୀବୀ ଓ କିଛି ମୃତୋପଜୀବୀ । ଏହା ତୁମେ ଆଗରୁ ପଢ଼ିଛ । ଏମାନଙ୍କ ମଧ୍ୟରୁ ମୃତୋପଜୀବୀ ଅଣୁ ଜୀବମାନେ ମୃତଜୀବ ଶରୀରକୁ ପଚାଇ ମାଟିରେ ମିଶାଇ ଦିଅନ୍ତି । ଏହି ପ୍ରକ୍ରିୟାକୁ ଅପଘଟନ(Decomposition) ଓ ଏହା କରୁଥିବା ମୃତୋପଜୀବୀମାନଙ୍କ ଅପଘଟକ କହନ୍ତି (Decomposer) । କିଛି ବୀଜାଣୁ ଓ କବକ ଏହି ଶ୍ରେଣୀର ଅପଘଟକ ଓ ସେମାନେ ଆମର ବନ୍ଧୁ ।

**କହିଲ ଦେଖି ?** ଏ ପୃଥିବୀରେ ବୀଜାଣୁ ଓ କବକ ପରି ଅପଘଟକ ଆଦୌ ନଥିଲେ କେଉଁ ସବୁ ସୁବିଧା ବା ଅସୁବିଧା ହୁଅନ୍ତା ?

## ୧୬.୩ ଜଙ୍ଗଲ ଓ ପ୍ରାକୃତିକ ଭାରସାମ୍ୟ

କିଛିବର୍ଷ ହେଲା ଜଙ୍ଗଲରୁ ହାତୀ ପଲ ଗାଁ ଓ ସହରକୁ ଆସି ଧନ ଜୀବନ ନଷ୍ଟ କରୁଥିବା ଖବର ତମେ ପଢ଼ିଥିବ ବା ଟେଲିଭିଜନରେ ଦେଖିଥିବ । କେତେକ ପ୍ରଜାତିର ପଶୁ ଓ ପକ୍ଷୀ ଆଉ ପ୍ରାୟ ଦେଖାଯାଉ ନାହାନ୍ତି । ଆମ ବାୟୁମଣ୍ଡଳର ତାପମାତ୍ରା ବଢ଼ି ଚାଲିଛି ଓ ବର୍ଷତମାମ୍ ଗରମ ଲାଗୁଛି । ପୂର୍ବପରି ଛଅଗୋଟି ଋତୁ ଆଉ ଅନୁଭୂତ ହେଉନାହିଁ । ଅନିୟମିତ ବର୍ଷା ହେବା, କମ୍ ସମୟରେ ପ୍ରବଳ ବର୍ଷା ହୋଇ ବନ୍ୟାହେବା, ଅତି ଅଳ୍ପ ବର୍ଷା ହୋଇ ମରୁଡି ହେବା, ମହାବାତ୍ୟା ଓ ସୁନାମୀ ପରି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଅଧିକ ଘଟିବା ଲକ୍ଷ୍ୟ କରାଯାଉଛି । ଏପରି ସବୁ ବିପର୍ଯ୍ୟୟ ଏବେ କାହିଁକି ଅଧିକ ଘଟୁଛି ? ଆଗରୁ କାହିଁକି ଏପରି ବିପର୍ଯ୍ୟୟ ଏତେ ବେଶି ଘଟୁନଥିଲା ? ଏହି ପ୍ରଶ୍ନଗୁଡ଼ିକ ଏବେ ପୃଥିବୀର ସବୁଦେଶର ଲୋକଙ୍କୁ ଚିନ୍ତାରେ ପକାଇଛି । ବୈଜ୍ଞାନିକମାନଙ୍କ ମତରେ "ପ୍ରାକୃତିକ ଭାରସାମ୍ୟ" ବ୍ୟାହତ ହେବା ଯୋଗୁ ହିଁ ଏପରି ଘଟୁଛି ।

ଏହି 'ପ୍ରାକୃତିକ ଭାରସାମ୍ୟ'ର ଅର୍ଥ କ'ଣ ? ଜଙ୍ଗଲ ସହ 'ପ୍ରାକୃତିକ ଭାରସାମ୍ୟ'ର କଣ ସମ୍ପର୍କ ଅଛି ? ତୁମେ ନିଜର ଚାରିପାଖରେ ଥିବା ପରିବେଶକୁ ଲକ୍ଷ୍ୟକରି ଚିନ୍ତାକଲେ, ଏସବୁ ପ୍ରଶ୍ନର ଉତ୍ତର ପାଇପାରିବ ।

ଆମେ ବାସ କରୁଥିବା ପୃଥିବୀ ଅଜୈବ ଓ ଜୈବ ଏହିପରି ଦୁଇପ୍ରକାର ଉପାଦାନକୁ ନେଇ ଗଠିତ । ଅଙ୍ଗାରକାମ୍ଳ, ଉଦ୍‌ଜାନ, ଅମ୍ଳଜାନ ପରି ସମସ୍ତ ଗ୍ୟାସ୍, ଲୌହ, କ୍ୟାଲସିଅମ ପରି ସମସ୍ତ ଧାତୁ ସଲଫର, ଫସ୍‌ଫରସ୍ ପରି ସମସ୍ତ ଅଧାତୁ, ଜଳ, ବାୟୁ, ମାଟି, ତାପ ଓ ଆଲୋକ ଶକ୍ତି, ଆର୍ଦ୍ରତା ଇତ୍ୟାଦି ଅଜୈବ ପଦାର୍ଥ ପୃଥିବୀର ଉପାଦାନ ଅଟନ୍ତି । ସମସ୍ତ ପ୍ରକାରର ଉଦ୍ଭିଦ, ପ୍ରାଣୀ ଓ ଅଣୁଜୀବ ଜୈବିକ ଉପାଦାନ ଅନ୍ତର୍ଭୁକ୍ତ ।


ଏହି ଅଜୈବ ଓ ଜୈବ ଉପାଦାନ ପରସ୍ପର ଉପରେ ନିର୍ଭରଶୀଳ । କେତେ ପରିମାଣରେ ଅଜୈବ ଉପାଦାନ କେଉଁ ରୂପରେ ରହିଲେ ଜୀବଜଗତ ସୁସ୍ଥଭାବରେ ରହିବ, ତାହା ପ୍ରକୃତି ଦ୍ୱାରା ସ୍ଥିରୀକୃତ ହୋଇଛି । ସେହି ଜୈବ ଉପାଦାନଗୁଡ଼ିକର ଅନୁପାତ ପ୍ରକୃତିଦ୍ୱାରା ନିର୍ଦ୍ଧାରିତ ହୋଇଛି । ଏହି ଆନୁପାତିକ ସଂଖ୍ୟା ବା ପରିମାଣର ସନ୍ତୁଳନକୁ ହିଁ 'ପ୍ରାକୃତିକ ଭାରସାମ୍ୟ' କୁହାଯାଏ । ଏହି ସନ୍ତୁଳନ କୌଣସି କାରଣରୁ ବ୍ୟାହତ ହେଲେ (କୌଣସି ଉପାଦାନର ପରିମାଣ ଅତି ମାତ୍ରାରେ କମ୍ ହୋଇଗଲେ ବା ଅତ୍ୟଧିକ ବଢ଼ିଗଲେ), ତାହାର କୁପ୍ରଭାବ ପରିବେଶ ଓ ସମଗ୍ର ଜୀବଜଗତ ଉପରେ ପଡ଼େ । ଏହାର ଫଳ ସ୍ୱରୂପ ଅନେକ ଅସ୍ୱାଭାବିକ ବା ଅପ୍ରାକୃତିକ ଘଟଣା ଘଟେ ।  ଉଦାହରଣ ଭାବରେ ଆମେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ନେଇପାରୁ । ଆମେ ଆଗରୁ ଜାଣିଛେ ବାୟୁମଣ୍ଡଳରେ ଏହାର ପରିମାଣ ହେଲା ପ୍ରାୟ ୦.୦୪ ଶତାଂଶ । କିନ୍ତୁ ଜନସଂଖ୍ୟା ବୃଦ୍ଧି, ଜଙ୍ଗଲକ୍ଷୟ, ଅଧିକ ଗାଡ଼ି ମଟର ଓ କଳକାରଖାନା ଯୋଗୁ ଅଙ୍ଗାରକାମ୍ଳର ମାତ୍ରା ବଢ଼ୁଛି । ଏହାର ପରିମାଣ ବଢ଼ିବାରୁ ତାପମାତ୍ରା ବଢ଼ୁଛି ଓ ଶୀତଋତୁରେ ଶୀତ ନହୋଇ ଗରମ ଲାଗୁଛି ।

ହାତୀପଲ ଗାଁ ଓ ସହରକୁ ମାଡ଼ି ଆସିବା, ଶୀତଦିନେ ଗରମଲାଗିବା, ଅନିୟମିତ ବର୍ଷା ହେବା ଇତ୍ୟାଦି ଘଟଣାଗୁଡ଼ିକ ଅସ୍ୱାଭାବିକ' ଘଟଣାର ଉଦାହରଣ । ସବୁର ମୁଖ୍ୟ କାରଣ ହେଲା "ପ୍ରାକୃତିକ ଭାରସାମ୍ୟ ବ୍ୟାହତ ହୋଇଯିବା ।"

ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାରେ ଜଙ୍ଗଲର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି । ଜଙ୍ଗଲ କମ୍ ହେଲେ କାହାର ପରିମାଣ କମିଯାଏ ଓ କାହାର ବଢ଼ିଯାଏ ତମେ ଆଗରୁ ଜାଣିଛ । ଯେଉଁ ହାରରେ ଜଙ୍ଗଲର ପରିମାଣ କମି ଚାଲିଛି ଏହିପରି ଆଉ କିଛି ବର୍ଷ ହେଲେ, ପ୍ରାକୃତିକ ଭାରସାମ୍ୟ ନଷ୍ଟ ହୋଇଯିବ ଓ ସମୟକ୍ରମେ ଏ ପୃଥିବୀ ଆମ ପାଇଁ ଆଉ ବାସଯୋଗ୍ୟ ହୋଇ ରହିବ ନାହିଁ ।

**ଚିନ୍ତାକର –** ଯେଉଁସବୁ କାରଣରୁ ପ୍ରାକୃତିକ ଭାରସାମ୍ୟ ବ୍ୟାହତ ହେଉଛି ସେଥିରୁ ଚାରୋଟି ଲେଖ, ଏଥିପାଇଁ ମୁଖ୍ୟତଃ କିଏ ଦାୟୀ ଓ କିପରି ଦାୟୀ ଯୁକ୍ତି ଦ୍ୱାରା ବୁଝାଅ ।

ଜଙ୍ଗଲ କିପରି ପ୍ରାକୃତିକ ଭାରସାମ୍ୟ ରକ୍ଷା କରେ ତଳେ ଦିଆଯାଇଥିବା କିଛି ପ୍ରାକୃତିକ ପ୍ରକ୍ରିୟା କୁ ଲକ୍ଷ୍ୟ କଲେ ବୁଝିପାରିବ ।




**ଚିତ୍ର ୧୬.୩ ଜଙ୍ଗଲ ଓ ପୋଷକ ଚକ୍ର**

ଏ ସବୁ ଚକ୍ରକୁ ପରିବେଶୀୟଚକ୍ର କୁହାଯାଏ । ସବୁ ପ୍ରାକୃତିକ ପ୍ରକ୍ରିୟାର ଚକ୍ରରୁ ଜଳ, ବାୟୁ ଓ ମାଟିରେ ଥିବା ପୋଷକର ପରିମାଣ ଓ ରୂପ ଠିକ୍ ରଖିବାରେ ଜଙ୍ଗଲ କିପରି ସକ୍ରିୟ ସାହାଯ୍ୟ କରେ, ତୁମେ ଜାଣିଲ ।

**ତୁମପାଇଁ କାମ : ୧୬.୪**

ଜଙ୍ଗଲ କିପରି ପ୍ରାକୃତିକ ଭାରସାମ୍ୟ ରକ୍ଷାକରେ ଦେଖାଇବା ପାଇଁ ପୂର୍ବ ପୃଷ୍ଠାରେ ଦିଆଯାଇଥିବା ଚକ୍ର ପରି ଆଉ କେତୋଟି ଚକ୍ର ସାଙ୍ଗମାନଙ୍କ ସହିତ ଆଲୋଚନା କରି ତିଆରି କର ଓ ତୁମଶ୍ରେଣୀ କାନ୍ଥରେ ଝୁଲାଇ ରଖ ।

## ୧୬.୪ ଆମରାଜ୍ୟ ଓ ଦେଶର ଜଙ୍ଗଲ ସମ୍ପଦ

ଆମ ଦେଶ ଭାରତବର୍ଷ ଇଂରେଜ ଶାସନରୁ ସ୍ୱାଧୀନ ହେବା ସମୟରେ ଏହାର ପ୍ରାୟ ୪୫ ଶତାଂଶ ଭୂମି ଜଙ୍ଗଲଦ୍ୱାରା ଆବୃତ ଥିଲା । କ୍ରମାନ୍ୱୟରେ ହ୍ରାସହୋଇ ଆଜି ଏହା ପ୍ରାୟ ୨୨ ଶତାଂଶ ହୋଇଛି । ଏକ ସର୍ବେକ୍ଷଣ ଅନୁଯାୟୀ ପ୍ରତିଦିନ ଆମ ଦେଶରେ ହାରାହାରି ୩୭୫ ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ ହେଉଛି ।

ସେହିପରି ଆମ ରାଜ୍ୟ ଓଡ଼ିଶାରେ ୨୦୦୫ ମସିହାରେ ପ୍ରାୟ ୫୮,୧୩୬.୨୩ ବର୍ଗ କିଲୋମିଟର ବା ପ୍ରାୟ ୩୭.୭୪% ଭୂମିରେ ଜଙ୍ଗଲଥିବା ବେଳେ ଏହା ହ୍ରାସ ପାଇ ୨୦୦୮ ବେଳକୁ ପ୍ରାୟ ୪୮,୩୭୪ ବର୍ଗ କି.ମି. ବା ପ୍ରାୟ ୩୧.୦୭% ଭାଗକୁ କମିଗଲାଣି । ଏବେ ଏହା (ଫେବୃୟାରୀ ୨୦୧୩ ମସିହା ସୁଦ୍ଧା) ୪୮,୮୫୫ ବର୍ଗ କି.ମି. ବା ପ୍ରାୟ ୩୧.୩୮% ଅଟେ।

ପୃଥିବୀରେ ଆଦିମ କାଳରୁ ଯେତିକି ଜଙ୍ଗଲଥିଲା ତହିଁର ପ୍ରାୟ ୮୦% ଜଙ୍ଗଲ ନଷ୍ଟ ହୋଇସାରିଛି ।

ଏକ ହିସାବରୁ ଜଣାପଡ଼େ ଯେ, ଆମ ଦେଶରେ ଜଙ୍ଗଲରୁ ବାର୍ଷିକ ପ୍ରାୟ ୪୦,୦୦୦ କୋଟି ଟଙ୍କା ମୂଲ୍ୟର ଜାଳେଣୀ କାଠ, କାଠଗଣ୍ଡି, ଔଷଧିୟ ବୃକ୍ଷ, ଝୁଣା, ମହୁଲ, ବାଉଁଶ, କେନ୍ଦୁପତ୍ର ଓ ଲାଖ ଇତ୍ୟାଦି ଜିନିଷ ମିଳେ । ଏହା ବ୍ୟତୀତ ଜଙ୍ଗଲରୁ ମିଳୁଥିବା ଅମ୍ଳଜାନ, ଅଙ୍ଗାରକାମ୍ଳ ବିନିଯୋଗ, ସମଗ୍ର ଜୀବଜଗତ ପାଇଁ ଖାଦ୍ୟ, ବର୍ଷା, ମୃତ୍ତିକା ସଂରକ୍ଷଣରେ ସହାୟତା ପରି ଉପକାରର ମୂଲ୍ୟ କଳନା କଲେ ତାହା ଚାଳିଶହଜାର କୋଟି ଟଙ୍କାରୁ ଅଧିକ ହେବ । ଜଙ୍ଗଲ ଆମର କେତେ ଓ କିପରି ଉପକାର କରେ ଏଥିରୁ ତୁମେ ଅନୁମାନ କରି କଳନା କର ।

ଯେଉଁ ଜଙ୍ଗଲ ଆମର ଏତେ ଉପକାର କରୁଛି, ତାକୁ ଆମେ ନିଜେ ହିଁ ଧ୍ୱଂସ କରି ଚାଲିଛୁ । ଜଙ୍ଗଲ କ୍ଷୟ ହେବା ଯୋଗୁ ଆମ ଦେଶରେ ବାଘ, ବଣୁଆଗଧ, କାଶ୍ମିରୀ ସମ୍ବର, କସ୍ତୁରି ମୃଗ, ବାଲି ହରିଣ, ରଣାସାପ ଓ ଶଙ୍ଖଚିଲ, ଶାଗୁଣା, ଘରଚଟିଆ ପରି ପ୍ରାଣୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି ।

### ୧୬.୪.୧ ଜଙ୍ଗଲ କ୍ଷୟର କାରଣ

ଚାଷଜମି, କଳକାରଖାନା ସ୍ଥାପନ, ବାସଗୃହ, ରାସ୍ତାଘାଟ, ମନୁଷ୍ୟର ଜଙ୍ଗଲଜାତ ସାମଗ୍ରୀ ଆବଶ୍ୟକତାରେ ବୃଦ୍ଧି ଓ ଅର୍ଥ ଉପାର୍ଜନପାଇଁ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି । ଜନସଂଖ୍ୟା ବଢ଼ିବା ଯୋଗୁ ଆମର ଉପରୋକ୍ତ ଆବଶ୍ୟକତାଗୁଡ଼ିକ ବଢ଼ି ଚାଲିଛି ଓ ଏଥିପାଇଁ ଆମେ ଅବାରିତ ଭାବରେ ଜଙ୍ଗଲ ସମ୍ପଦକୁ ଧ୍ୱଂସ କରିବାରେ ଲାଗିଛୁ । ଏହା ବ୍ୟତୀତ ଜଙ୍ଗଲରେ ନିଆଁ ଲାଗିଯିବା ମଧ୍ୟ ଜଙ୍ଗଲ ଧ୍ୱଂସ ହେବାର ଅନ୍ୟ ଏକ କାରଣ ।

**ତୁମପାଇଁ କାମ : ୧୬.୫**

ତୁମ ଗାଁ ବା ସହର ପାଖରେ ଆଗରୁ କେତେ ଜଙ୍ଗଲ ଥିଲା, ଜଙ୍ଗଲରେ କେଉଁ ଜାତିର ଉଦ୍ଭିଦ ଓ ପଶୁପକ୍ଷୀ ଥିଲେ ତାଲିକା କର । ବର୍ତ୍ତମାନ କେଉଁ ସବୁ ଉଦ୍ଭିଦ ଓ ପଶୁପକ୍ଷୀ ଅଛନ୍ତି ଓ ଜଙ୍ଗଲ (ଉଦ୍ଭିଦ ଓ ପଶୁପକ୍ଷୀ) କ୍ଷୟ ହେବାର ପ୍ରମୁଖ କାରଣଗୁଡ଼ିକ ବୟସ୍କମାନଙ୍କ ସହ ଆଲୋଚନା କରି ଲେଖ ।

## ୧୬.୫ ଜଙ୍ଗଲ ସମ୍ପଦର ସୁରକ୍ଷା

ଆମ ଦେଶରେ ଜଙ୍ଗଲର ସୁରକ୍ଷା ପାଇଁ 'ଜଙ୍ଗଲ ନିୟମ' ଓ "ଜାତୀୟ ଜଙ୍ଗଲ ନୀତି" ପ୍ରଣୀତ ହୋଇଛି । ଏହା ବ୍ୟତୀତ ୧୯୭୨ ମସିହାରେ "ବନ୍ୟଜୀବନ ସୁରକ୍ଷା ଆଇନ" ପ୍ରଣୟନ କରାଯାଇ ୧୯୯୧ରେ ଏହାର ସଂଶୋଧନ କରାଯାଇଛି । ଏଥିରେ ବନ୍ୟଜନ୍ତୁ ଶିକାର, ବନ୍ୟଜୀବଙ୍କ ଚମଡ଼ା, ହାଡ଼ ଓ ଦାନ୍ତ ପ୍ରଭୃତି ବ୍ୟବସାୟ ଓ ବ୍ୟବହାରକୁ ନିଷେଧ କରାଯାଇଛି ।

ଜଙ୍ଗଲ ସୁରକ୍ଷା ପାଇଁ ଆମ ଦେଶରେ ମାର୍ଚ୍ଚ ୨୦୧୪ ସୁଦ୍ଧା ୮୦ରୁ ଅଧିକ ଜାତୀୟ ଉଦ୍ୟାନ, ୫୧୫ଟି ଅଭୟାରଣ୍ୟ ଓ ୧୮ ଟି ଜୀବମଣ୍ଡଳ ସଂରକ୍ଷିତ ସଂସ୍ଥା ରହିଛି । ଏହି ସଂଖ୍ୟା କ୍ରମେ ବଢ଼ିବାରେ ଲାଗିଛି । ଆମ ରାଜ୍ୟ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳକୁ ଏକ ସଂରକ୍ଷିତ ଜୀବମଣ୍ଡଳ, କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକାକୁ ଏକ ଜାତୀୟ ଉଦ୍ୟାନ ଓ ଚିଲିକାହ୍ରଦକୁ ବିଦେଶରୁ ଆସୁଥିବା ପକ୍ଷୀମାନଙ୍କ ପାଇଁ ଏକ ଅଭୟାରଣ୍ୟ ରୂପେ ମାନ୍ୟତା ଦିଆଯାଇଛି ।

ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ କେବଳ ସରକାରୀ ନୀତି, ଆଇନ୍ ଓ କାର୍ଯ୍ୟକ୍ରମ ଯଥେଷ୍ଟ ନୁହେଁ । ଏହି ଆଇନ ଓ କାର୍ଯ୍ୟକ୍ରମଗୁଡ଼ିକ ସଫଳ ଓ ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହେବା ପାଇଁ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ଓ ଆମେ ସମସ୍ତେ ମିଶି ଏଥିପାଇଁ ପଦକ୍ଷେପ ନେବା ଆବଶ୍ୟକ ।

### ତୁମପାଇଁ କାମ : ୧୬.୬

ତୁମେ ଜଣେ ଶିକ୍ଷିତ ଓ ସଚେତନ ବ୍ୟକ୍ତି ରୂପରେ ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ କେଉଁସବୁ ପଦକ୍ଷେପ ନେଇ ପାରିବ, ଶିକ୍ଷକ, ପିତାମାତା, ସହପାଠୀ ଓ ସାଙ୍ଗସାଥି ଜଙ୍ଗଲ ବିଭାଗ କର୍ମଚାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ । ସେହି ପଦକ୍ଷେପଗୁଡ଼ିକ ମଧ୍ୟରୁ ତୁମ ସାମର୍ଥ୍ୟ ମୁତାବକ କାମ କର । ଯେପରି ପ୍ରତିବର୍ଷ ତୁମେ କିଛି ଆମ୍ବ, ପଣସ, ନିମ୍ବ, ଜାମୁକୋଳି, କରଞ୍ଜ ଇତ୍ୟାଦି ଗଛ ଲଗାଅ ଏବଂ ସେହି ଗଛଗୁଡ଼ିକ ବଡ଼ ହେବା ପର୍ଯ୍ୟନ୍ତ ତାହାର ଯତ୍ନ ନିଅ । ଜଙ୍ଗଲ କ୍ଷୟ ରୋକିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ଆମର ନୈତିକ ଦାୟିତ୍ୱ ଅଟେ । ସେଥିପାଇଁ ସାମାଜିକ ବନୀକରଣ ପ୍ରକଳ୍ପକୁ ଅଧିକ ସକ୍ରିୟ କରିବାକୁ ହେବ ।

**କ'ଣ ଶିଖିଲେ :**

- ଜଙ୍ଗଲରୁ ଆମେ କାଠ, ପତ୍ର, ଫୁଲ, ଫଳ, ଲାଖ, ଝୁଣା, ଇତ୍ୟାଦି ପାଉ ।
- ଜଙ୍ଗଲରେ ଥିବା ଉଦ୍ଭିଦ ସମଗ୍ର ଜୀବଜଗତ ପାଇଁ ଖାଦ୍ୟ ଓ ଅମ୍ଳଜାନ ଯୋଗାଏ ।
- ଅଙ୍ଗାରକାମ୍ଳ ବ୍ୟବହାର କରି ବାୟୁକୁ ପ୍ରଦୂଷିତ ଓ ଗରମ ହେବାରୁ ଜଙ୍ଗଲ ରକ୍ଷା କରେ ।
- ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାରେ ଜଙ୍ଗଲର ଭୂମିକା ମହତ୍ତ୍ୱପୂର୍ଣ୍ଣ ।
- ଜଙ୍ଗଲରେ ବିଭିନ୍ନ ପ୍ରକାର ଗଛ, ପଶୁପକ୍ଷୀ ବାସକରନ୍ତି ।
- ଆମର ଏତେ ଉପକାର କରୁଥିବା ଜଙ୍ଗଲକୁ ଆମେ ହିଁ ଧ୍ୱଂସ କରି ଚାଲିଛୁ ।
- ସୁସ୍ଥ ପରିବେଶ ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବା ଓ ଆମର ଅନେକ ଦରକାରୀ ଜିନିଷ ପାଇବା ପାଇଁ ଜଙ୍ଗଲର ସୁରକ୍ଷା କରିବା ଜରୁରୀ ।
- ଜାତୀୟ ଉଦ୍ୟାନ, ଅଭୟାରଣ୍ୟ, ସଂରକ୍ଷିତ ଜୀବମଣ୍ଡଳ ଇତ୍ୟାଦି ପ୍ରକଳ୍ପ ସରକାରଙ୍କଦ୍ୱାରା କାର୍ଯ୍ୟକାରୀ ହେଉଛି ।
- କେବଳ ସରକାର ନୁହେଁ ଆମେ ସମସ୍ତେ ଓ ତୁମେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ ଓ ସାମାଜିକ ବନୀକରଣ ପ୍ରକଳ୍ପର ସକ୍ରିୟ ସଭ୍ୟହେବା ଦରକାର ।

## ଅଭ୍ୟାସ

୧. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଜଙ୍ଗଲରେ ଥିବା ୩ଟି ଉଦ୍ଭିଦର ନାମ ଲେଖ -

କ) କାଠ -

ଖ) ଫଳ -

ଗ) ପତ୍ର -

୨. ଜଙ୍ଗଲକୁ କାହିଁକି ପ୍ରାକୃତିକ ସମ୍ପଦ କହିବା ଉଦାହରଣ ସହ ଦର୍ଶାଅ ।

୩. ତଳେ ଦିଆ ଯାଇଥିବା ପ୍ରାକୃତିକ ସମ୍ପଦଗୁଡ଼ିକୁ ଅସରନ୍ତି ଓ ସରନ୍ତି ସମ୍ପଦ ରୂପରେ ବର୍ଗୀକରଣ କର -

କୋଇଲା, ବାଘ, କୁମ୍ଭୀର, ହରିଡ଼ାଗଛ, ଚିଲ, ହାତୀ, ଖଣିଜତୈଳ, ସୂର୍ଯ୍ୟାଲୋକ, ମାଟି, ପବନ ।

୪. 'ଶୀତଦିନେ ଗରମ ଲାଗିବା' ବା "ହାତୀପଲ ଗାଁ ଓ ସହରକୁ ଆସି ଧନଜୀବନ ନଷ୍ଟ କରିବା " ପରି ପରିସ୍ଥିତି "ପ୍ରାକୃତିକ ଭାରସାମ୍ୟ" ବ୍ୟାହତ ହେବାରୁ ସୃଷ୍ଟି ହେଉଛି । ଏହି କାରଣରୁ ଆଉ କେଉଁ ସବୁ ପରିସ୍ଥିତି ସୃଷ୍ଟି ହେଉଛି ନିଜ ଅଭିଜ୍ଞତାରୁ ଲେଖ ।

୫. "ଜଙ୍ଗଲ ସମ୍ପଦର ସୁରକ୍ଷା" ଆମ ତିଷ୍ଠିରହିବା ପାଇଁ ଆବଶ୍ୟକ । ତୁମେ କାରଣ ସହ ଦର୍ଶାଅ ।

୬. ଜଙ୍ଗଲ ଧ୍ୱଂସ ପାଇବା ପଛରେ ଥିବା ୫ଟି କାରଣ ଲେଖ ।

୭. ତଳେ ଦିଆଯାଇଥିବା ପ୍ରତ୍ୟେକ ଉକ୍ତି ପାଇଁ ଗୋଟିଏ ଲେଖାଏଁ କାରଣ ଲେଖ - (ପ୍ରତ୍ୟେକ କାରଣ ଗୋଟିଏ ବାକ୍ୟରେ ଲେଖାଏ)

(କ) ଆମେ କୌଣସି ପଶୁଚମଡ଼ା ତିଆରି ସାମଗ୍ରୀ ବ୍ୟବହାର କରିବା ଉଚିତ ନୁହେଁ ।

କାରଣ -

(ଖ) ପୃଥିବୀ ପୃଷ୍ଠରୁ ବିଲୁପ୍ତ ଡାଇନୋସୋର ପରି 'ବାଘ' ପ୍ରଜାତିର ପଶୁ ଲୋପ ପାଇଯିବା ଆଶଙ୍କା କରାଯାଉଛି ।

କାରଣ-

(ଗ) "ପ୍ରାକୃତିକ ଭାରସାମ୍ୟ" ପୁନଃ ସ୍ଥାପିତ କରି ମନୁଷ୍ୟ ଭବିଷ୍ୟତରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରି ପାରିବ ବୋଲି ଆଶା କରାଯାଏ ।

କାରଣ -

(ଘ) ତୁମେ ପରିବେଶର ଅବକ୍ଷୟ ଓ ପ୍ରଦୂଷଣ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେଇ ପାରିବ ବୋଲି ଶିକ୍ଷକ ବିଶ୍ୱାସ କରନ୍ତି

କାରଣ -

**ଘରେ କରିବା ପାଇଁ କାମ :**

ବର୍ତ୍ତମାନ ରାସ୍ତା ଚଉଡ଼ା ହେବା ପାଇଁ ରାସ୍ତା କଡ଼ରେ ଥିବା ଗଛଗୁଡ଼ିକୁ କାଟି ଦିଆଯାଉଛି । କେଉଁ ସମୟରେ ଓ କେଉଁ ପ୍ରକାରର ଗଛ ଲଗାଇଲେ ଆମେ ପୁଣିଥରେ ପରିବେଶକୁ ସବୁଜ ସୁନ୍ଦର କରିପାରିବା ?

●●●